To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
SAKALA

ପ୍ରତିଷ୍ଠାତାଃ ହରିଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.171, ଭଦ୍ରକ, ଗୁରୁବାର, ୨୧, ଡିସେମ୍ବର ୨୦୧୭ ■ Bhadrak, Thursday, 21 December 2017 Rs. 2.00 Pages-8

ରିସେପ୍ସନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କଲେ କୋହଲି-ଅନୁଷ୍କା

ବାରବାଟୀରେ ବିରାଟ ବିଜୟ

- ଉଭୟ ବିଭାଗରେ ଭାରତର ବଳିଷ୍ଠ ପ୍ରଦର୍ଶନ
- ଶ୍ରୀଲଙ୍କା ୯୩ ରନ୍‌ରେ ପରାସ୍ତ
- ଚହଲଙ୍କ ଚମତ୍କାର ବୋଲିଂରେ ଶ୍ରୀଲଙ୍କା ଚିତ୍
- ଭିଡରେ ଅଟକିଲା ଟିମ୍ ଇଣ୍ଡିଆ ବସ୍

କଟକ, ୨୦।୧୨ (ସକାଳ ଖବର): ଐତିହାସିକ ବାରବାଟି ଷ୍ଟାଡିୟମରେ ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ନିଜର ବଳିଷ୍ଠତାକୁ ପୁଣି ଥରେ ପ୍ରମାଣିତ କରିବା ସହିତ ଶ୍ରୀଲଙ୍କାକୁ ୯୩ ରନ୍‌ରେ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଧୂଆଁଧାର ଇନିଂସ ସାଙ୍ଗକୁ ଚହଲଙ୍କ ଚମତ୍କାର ବୋଲି ଶ୍ରୀଲଙ୍କାର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଶ୍ରୀଲଙ୍କା ୧୬ ଓଭରରେ ସମସ୍ତ ୱିକେଟ ହରାଇ ୮୭ ରନ୍ ସଂଗ୍ରହ କରିବା ସହିତ ମ୍ୟାଚ ହାରିଛି । ମହେନ୍ଦ୍ର ସିଂ ଧୋନୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଥିଲା । ଭାରତ ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ଶ୍ରୀଲଙ୍କା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ୧୮୦ ରନ୍ ସଂଗ୍ରହ କରିଥିଲା । ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି, ଓପନର ଲୋକେଶ ରାହୁଲ ଓ ମନୀଷ ପାଣ୍ଡେଙ୍କ ବ୍ୟାଟିଂ ପ୍ରଦର୍ଶନ ପ୍ରଶଂସନୀୟ ଥିଲା । ସେହିପରି ଭାରତୀୟ ଯୁବ ବୋଲର ଯୁଜବେନ୍ଦ୍ର ଚହଲଙ୍କ ଯାଦୁକାରୀ ବୋଲି(୪ଟି ୱିକେଟ)ରେ ଶ୍ରୀଲଙ୍କା ଲକ୍ଷ୍ୟ ପୂରା କରିବାକୁ ବିଫଳ ହୋଇଥିଲା । ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୩ଟି କୁଳଦୀପ ଯାଦବଙ୍କୁ ୨ଟି ଜୟଦେବଙ୍କୁ ଗୋଟିଏ ୱିକେଟ (ପୃଷ୍ଠା-୭)

ସଂସଦରେ ମହାନଦୀ ଝଡ଼

- ସଂସଦ ଭବନ ସମ୍ମୁଖରେ ବିଜେଡି ସାଂସଦଙ୍କ ଧାରଣା
- ଉଭୟ ଗୃହରୁ ଆଲୋଚନା ପାଇଁ ପ୍ରତିଶ୍ରୁତି
- ବିଜେଡିର ଦାବିକୁ ତୃଣମୂଳ କଂଗ୍ରେସର ସମର୍ଥନ

ନୂଆଦିଲ୍ଲୀ,୨୦।୧୨ : ମହାନଦୀ ପ୍ରସଙ୍ଗକୁ ନେଇ ଆଜି ସଂସଦର ଶୀତକାଳୀନ ଅଧିବେଶନ ୩ୟ ଦିନରେ ମଧ୍ୟ ଗୃହ ବେଶ ସରଗରମ ରହିଛି । ପ୍ରଥମେ ଟ୍ରିବ୍ୟୁନାଲ ଗଠନ ଦାବିରେ ବିଜେଡି ସାଂସଦମାନେ ସଂସଦ ଭବନ ସମ୍ମୁଖରେ ଧାରଣା ଦେବା ପରେ ଏହା ଉପରେ ଆଲୋଚନା ପାଇଁ ଉଭୟ ଗୃହରୁ ପ୍ରତିଶ୍ରୁତି ମିଳିଛି । ଲୋକସଭା ବାଚସ୍ପତି ସୁମିତ୍ରା ଓ ରାଜ୍ୟସଭା ଅଧ୍ୟକ୍ଷ ଭେଙ୍କୟା ନାଇଡୁ ବିଜେଡି ଦଳ ଆଣିଥିବା ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଓ ସ୍ୱଳ୍ପ ଅବଧିକାଳୀନ ଆଲୋଚନା ପ୍ରସ୍ତାବକୁ ଅନୁମତି ପ୍ରଦାନ କରିଛନ୍ତି । ଗୃହ କାର୍ଯ୍ୟ ଆରମ୍ଭରୁ ଉଭୟ ଗୃହର ବିଜେଡି ସାଂସଦମାନେ ମହାନଦୀ ପ୍ରସଙ୍ଗକୁ ନେଇ ପ୍ରଥମେ ୧୦ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଗାନ୍ଧି ମୂର୍ତ୍ତି ତଳେ ପ୍ରତିବାଦ କରିଥିଲେ । ଗୃହ ଆରମ୍ଭରୁ ହିଁ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ହଟ୍ଟଗଳ କରିଥିଲେ ସାଂସଦମାନେ । ରାଜ୍ୟସଭାରେ ମଧ୍ୟ ଜୋର ଧରଥିଲା ମହାନଦୀ ପ୍ରସଙ୍ଗ । ସେପଟେ ଲୋକସଭାରେ ମଧ୍ୟ (ପୃଷ୍ଠା-୭)

୩ ଡିଏସପିଙ୍କୁ ଅତିରିକ୍ତ ପୋଲିସ ନିରୀକ୍ଷକ ପଦବୀ

ଭୁବନେଶ୍ୱର,୨୦।୧୨ (ସକାଳ ଖବର): ପୋଲିସ ସଂସ୍ଥାର ୩ ଜଣ ଡିଏସପିଙ୍କୁ ଅତିରିକ୍ତ ପୋଲିସ ନିରୀକ୍ଷକ ଭାବେ ପଦୋନ୍ନତି ଦିଆଯାଇଛି । ଏ ସମ୍ପର୍କରେ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ପୋଲିସ ଅଧିକାରୀ ମାନେ ହେଲେ ପ୍ରଦ୍ୟୁମ୍ନ କୁମାର ଜେନା, ଚିନ୍ମୟା ହୃଦୟାନନ୍ଦ ଏବଂ କୃତୀବାସ ଜେନା । ସେମାନଙ୍କୁ ପୋଲିସ ମହାନିର୍ଦ୍ଦେଶକ ପଦୋନ୍ନତି ପଦବୀକୁ ନିଯୁକ୍ତି ଦେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି ।

ଆଖିବୁଜିଲା 'ରେବତୀ'

ଭୁବନେଶ୍ୱର, ୨୦।୧୨ (ସକାଳ ଖବର): ନନ୍ଦନକାନନରେ ଥିବା ବାଘୁଣୀ ରେବତୀର ମୃତ୍ୟୁ ଘଟିଛି। ବୁଧବାର ଭୋର ସାଢ଼େ ୫ଟାରେ ତା'ର ମୃତ୍ୟୁ ଘଟିଛି। ବୟସାଧିକ୍ୟ କାରଣରୁ ରେବତୀର ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ରେବତୀର ବୟସ ୧୮ ବର୍ଷରୁ ଅଧିକ ହୋଇଥିଲା। ଗତ ୨ ମାସ

ଧରି ସେ ପାକସ୍ଥଳୀ ଜନିତ ସମସ୍ୟା ଥିବାରୁ ରେବତୀକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ଚିକିତ୍ସାଳୟ ଚିକିତ୍ସା କରାଯାଉଥିଲା। ସୂଚନାଯୋଗ୍ୟ ଗତ ୧୯୯୯ (ପୃଷ୍ଠା-୭)



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।

ହୁଣ୍ଡିର ଆୟ (୨୦.୧୨.୧୭) ୨,୧୬,୮୬୫

ନଦୀକୁ ସୁରକ୍ଷିତ ରଖିବା ସମାଜର ଦାୟିତ୍ୱ : ନବୀନ

ଭୁବନେଶ୍ୱର, ୨୦।୧୨ (ସକାଳ ଖବର): ମାନବ ସଭ୍ୟତାର ବିକାଶରେ ନଦୀ ଗୁଡିକ ଅଙ୍ଗାଙ୍ଗୀ ଭାବେ ଜଡିତ । ତେଣୁ ନଦୀ ଗୁଡିକ ଭଲ ଅବସ୍ଥାରେ ରହିବା ଓ ମାନବତାର କାମରେ ଲାଗିବାକୁ ସୁନିଶ୍ଚିତ କରିବା ସମାଜର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ରିଜନାଲ ମ୍ୟୁଜିୟମ ଅଫ ନ୍ୟାଚୁରାଲ ହିଷ୍ଟ୍ରୀ ଠାରେ ଆୟୋଜିତ ଓଡିଶା ପରିବେଶ କଂଗ୍ରେସର ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ଜଳ ପାଇଁ ଲୋଲୁପତା, ନଦୀର ମାଲିକାନା ନେଇ ଆଂଚଳିକ ଆଭିମୁଖ୍ୟ ଓ ନଦୀ ପ୍ରଣାଳୀର ପରିବେଶ ଆବଶ୍ୟକତାକୁ ନ ମାନିବା କାରଣରୁ ଜଳକୁ ନେଇ ବିବାଦ ବଢୁଛି । ଯେ ପର୍ଯ୍ୟନ୍ତ ନ୍ୟାୟପୂର୍ଣ ଭାବେ ଜଳର ବିଭାଜନ ନ ହୋଇଛି ଓ ପ୍ରାଦେଶିକ ଆଭିମୁଖ୍ୟକୁ ବନ୍ଦ ନ କରାଯାଇଛି ସେ ଯାଏ ଜଳ ବିବାଦ ଜାରୀ ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଓଡିଶା ସରକାର ନଦୀ ସଂରକ୍ଷଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିବା ସହିତ ରେନ ବାଟର ହାର୍ଭେଷ୍ଟିଂ ଓ ଭୂତଳ ଜଳ ରିଚାର୍ଜ ଉପରେ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଛନ୍ତି । ମହାନଦୀ ଓ ଅନ୍ୟ ନଦୀ ମାନଙ୍କର ର ଦୁଇ ପାଖରେ ଏକ କିମି ବ୍ୟାସାର୍ଦ୍ଧରେ ଏକ କୋଟି ଗଛ ଲଗାଇବା ପାଇଁ ରାଜ୍ୟ ସରକାର ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜଳ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରୁଥିବା ରାଜେନ୍ଦ୍ର ସିଂହ, ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟ ମାନେ ମଧ୍ୟ ଉପସ୍ଥିତ ଥିଲେ ।

ଓଡିଶା ପରିବେଶ କଂଗ୍ରେସ ଉଦଘାଟିତ

କିଏ ସତ କହୁଛି ?

- କଲେଜ ଛାଡ଼ିଦେବାକୁ କହି ପିଅନ ମୋ ସହ ଦୁଷ୍କର୍ମ କରିଛନ୍ତି : ଡାକ୍ତରୀ ଛାତ୍ରୀ
- ଛାତ୍ରୀ ଓ ଜଣେ ଡାକ୍ତରଙ୍କୁ ଅସଂଯତ ଅବସ୍ଥାକୁ ନେଇ ପ୍ରିନ୍ସିପାଲ୍‌ଙ୍କୁ ଅବଗତ କରିବା କହିବାରୁ ମୋ ବିରୁଦ୍ଧରେ ଏହା ଷଡ଼ଯନ୍ତ୍ର : ପିଅନ

ଭୁବନେଶ୍ୱର, ୨୦।୧୨ (ସକାଳ ଖବର): ଭୁବନେଶ୍ୱରର ଏକ ଘରୋଇ ମେଡିକାଲ କଲେଜରେ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ସେଠାରେ କାମ କରୁଥିବା ଜଣେ ପିଅନକୁ ପୋଲିସ ଗିରଫ କରିଛି । କଲେଜ ଛାଡିବାକୁ କହି ପିଅନ ମନୋଜ ଖଟୁଆ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ପରେ ପୋଲିସ ତାକୁ ଗିରଫ କରିଛି । ତେବେ ଗିରଫ ହୋଇଥିବା ଅଭିଯୁକ୍ତ ପିଅନ ଏ ସମ୍ପର୍କରେ ଭିନ୍ନ ବକ୍ତବ୍ୟ ପ୍ରଦାନ କରିଛି । ସେ କହିଛି ଯେ କ୍ୟାମ୍ପସ ଭିତରେ ସଂପୃକ୍ତ ଛାତ୍ରୀ, ଜଣେ ଛାତ୍ର ଓ ଜଣେ ଡାକ୍ତରଙ୍କୁ ସେ ଅସଂଜତ ଅବସ୍ଥାରେ ଦେଖିଥିଲେ । ଏ ସମ୍ପର୍କରେ ସେ ପ୍ରିନସିପାଲଙ୍କୁ ଜଣାଇବି ବୋଲି କହିଥିଲେ। କିନ୍ତୁ ସେମାନେ ତାଙ୍କୁ ଭୁଲ ମାଗିଥିଲେ ଓ କାହାକୁ ନ କହିବାକୁ କହିଥିଲେ । ତେବେ ସେ ରୁମକୁ ଫେରି ଶୋଇଥିବା ବେଳେ ତାଙ୍କୁ ଉଠାଇ ଗିରଫ କରାଯାଇଥିଲା । ଏହି ଘରୋଇ ମେଡିକାଲ କଲେଜର ମୁଖ୍ୟ ତିରୁପତି ପାଣିଗ୍ରାହୀ ଏହି ଘଟଣା ସମ୍ପର୍କରେ କହିଛନ୍ତି ଯେ ଗତ କାଲି ସଂଧ୍ୟା ୭.୩୦ରେ ଏହି ଘଟଣା ଘଟିଥିବା ନେଇ ଅଭିଯୋଗ ହୋଇଛି । ତେବେ ରାତ୍ରୀ ୧୨ଟାରେ ଏହି ଘଟଣା ସମ୍ପର୍କରେ ନଜରକୁ ଆସିଥିଲା । ଏହା ପରେ ପୋଲିସକୁ ଡାକି ଅଭିଯୁକ୍ତଙ୍କୁ ଚିହ୍ନଟ କରି ଜିମା ଦେଇଥିଲୁ । ଏହି ମାମଲାରେ କଲେଜ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରୁଛି ବୋଲି ସେ କହିଛନ୍ତି ।

କୃଷି ଉତ୍ପାଦନ ବୃଦ୍ଧି ପାଇଁ ପ୍ରୟାସ

- ନିର୍ମାଣ ହେବ ଅଧିକ ୧୯୮ଟି ମେଗାଲିଫ୍ଟ ଉଠାଜଳସେଚନ ପ୍ରକଳ୍ପ
- ସମସ୍ୟାର ସମାଧାନକୁ ଅଗ୍ରାଧିକାର ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ
- ପ୍ରତି ସୋମବାର ଦିନ ପ୍ରମୁଖ ଶାସନ ସଚିବ କରିବେ ସମୀକ୍ଷା

ଭୁବନେଶ୍ୱର, ୨୦।୧୨ (ସକାଳ ଖବର): ରାଜ୍ୟରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଚାଷୀ ମାନଙ୍କୁ ଜଳସେଚନ ଯୋଗାଇଦେବା ନିମନ୍ତେ ରାଜ୍ୟରେ ଆଉ ୧୯୮ଟି ମେଗାଲିଫ୍ଟ ଉଠାଜଳସେଚନ ପ୍ରକଳ୍ପ କରାଯିବ । ଏଥିରେ ସୁମଦାୟ ୬୫୨୭ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପ୍ରକାଶ କରିଛନ୍ତି । ରାଜ୍ୟସଚିବାଳୟ ଠାରେ ଶ୍ରୀ ପାଢୀଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ରାଜ୍ୟରେ ଜଳସେଚନ ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉପରୋକ୍ତ ନିଷ୍ପତି ନିଆଯାଇଛି। ଏହାସହିତ ଅନ୍ୟ ୧୦୭ଟି ଜଳସେଚନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୨୦୧୮ ମାର୍ଚ୍ଚ ସୁଦ୍ଧା ୭୦ ଟି ଏବଂ ଜୁନ୍ ସୁଦ୍ଧା ୪୦ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ମଧ୍ୟ କୁହାଯାଇଛି । ନୂତନ କୃଷି ପଦ୍ଧତିର ସଂପ୍ରସାରଣ ଏବଂ କୃଷକମାନଙ୍କ ଆୟର ବୃଦ୍ଧି ନିମନ୍ତେ ରାଜ୍ୟରେ ଆରମ୍ଭ କରାଯାଇଥିବା ବୃହତ୍ ଉଠାଜଳସେଚନ ପ୍ରକଳ୍ପ (ମେଗା ଲିଫ୍ଟ ପ୍ରୋଜେକ୍ଟ)ର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇଛି । କାର୍ଯ୍ୟର ଅଗ୍ରଗତି ବିଷୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢୀ ଆଜି ସମୀକ୍ଷା କରି କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ବେଳେ ସୃଷ୍ଟି ହେଉଥିବା ପ୍ରତିବନ୍ଧକଗୁଡ଼ିକୁ ଅଗ୍ରାଧିକାର ଭିତିରେ ସମାଧାନ କରିବାକୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍.ପି.ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପୱାରୀ କାର୍ଯ୍ୟର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ପ୍ରତି ପ୍ରକଳ୍ପର ପୂର୍ଣ୍ଣାଙ୍ଗ ଓ କାର୍ଯ୍ୟକ୍ଷମ ନିମନ୍ତେ ସମୟସୀମା ନିର୍ଦ୍ଧାରଣ କରିଥିଲେ । ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ (ପୃଷ୍ଠା-୭)

କୁଳଭୂଷଣଙ୍କ ମା' ଓ ପତ୍ନୀଙ୍କୁ ପାକ୍‌ର ଭିସା

ନୂଆଦିଲ୍ଲୀ, ୨୦।୧୨ : ପାକିସ୍ତାନ ମାନବିକ ଆଧାରରେ ଭାରତୀୟ ନାଗରିକ କୁଲଭୂଷଣ ଯାଧବଙ୍କ ପତ୍ନୀ ଏବଂ ମାଙ୍କ ପାକିସ୍ତାନ ଯାତ୍ରାକୁ ନେଇ ଭିସା ଦେଇଛି । ଗୁରୁବାର ଯାଦବଙ୍କ ପରିବାର ଲୋକେ ନୂଆ ଦିଲ୍ଲୀସ୍ଥିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କଠୁ ଭିସା ନେଇ ପାରିବେ । ପାକ୍ ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ମୋହମ୍ମଦ ଫୈସଲ ଏହାର ସୂଚନା ଦେଇଛନ୍ତି । ଯାଦବଙ୍କ ମା' ଏବଂ ତାଙ୍କର ପତ୍ନୀ ଏକ ଘଣ୍ଟା ପାଇଁ ଯାଧବଙ୍କୁ ଭେଟି ପାରିବେ । ଦୁଇ ଜଣଙ୍କ ସହିତ ଭାରତୀୟ କୂଟନୈତିଜ୍ଞ ମଧ୍ୟ ରହିବେ ।

ଡଃ. ସୁସ୍ମିତା ମହାନ୍ତି 'ମୋ ସ୍କୁଲ' କାର୍ଯ୍ୟକ୍ରମର ଅଧ୍ୟକ୍ଷା ନିଯୁକ୍ତ

ଭୁବନେଶ୍ୱର, ୨୦।୧୨ (ସକାଳ ଖବର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ଅନ୍ତରୀକ୍ଷ ବିଜ୍ଞାନୀ ତଥା ଉଦ୍ୟୋଗୀ ଡଃ ସୁସ୍ମିତା ମହାନ୍ତିଙ୍କୁ ମୋ ସ୍କୁଲ କାର୍ଯ୍ୟକ୍ରମର ଅଧ୍ୟକ୍ଷା ଭାବେ ନିଯୁକ୍ତି ଦେଇଛନ୍ତି । ଗତ ଶିଶୁ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୋ ସ୍କୁଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ବ୍ୟକ୍ତି ବିଶେଷ ମାନେ ନିଜ ନିଜ ଜନ୍ମ ମାଟିର ବିଦ୍ୟାଳୟ କିମ୍ବା ଯେ କୌଣସି ବିଦ୍ୟାଳୟର ଉନ୍ନତି ପାଇଁ ସ୍ୱେଚ୍ଛାକୃତ ସହାୟତା କରିବା କିମ୍ବା ଅନ୍ୟାନ୍ୟ ଅବଦାନ ରଖିବାର ବ୍ୟବସ୍ଥା ରହିଛି । ଡଃ ମହାନ୍ତିଙ୍କ ନିଯୁକ୍ତି ଏହି କାର୍ଯ୍ୟକ୍ରମକୁ ଆଗେଇ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ଏକ ଅବୈତନିକ ନିଯୁକ୍ତି । ମୋ ସ୍କୁଲ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ସୁଦୂର ଭବିଷ୍ୟତ ଉଜ୍ଜଳ ହେବା ସହିତ ସେମାନେ ଜୀବନର ସର୍ବୋତମ ଶିଖରରେ ପହଂଚିପାରିବେ ବୋଲି ମୁଖମନ୍ତ୍ରୀ କହିଛନ୍ତି । ଗଣମାଧ୍ୟମକୁ ଏହି ନିଯୁକ୍ତି ବିଷୟ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଡଃ ସୁସ୍ମିତା ମହାନ୍ତି ହେଉଛନ୍ତି ଜଣେ ସଫଳ ଯୁବ ପ୍ରତିଭା । କଟକରେ (ପୃଷ୍ଠା-୭)

ଲାଞ୍ଜୁଆ ଥାନାଧିକାରୀ ଓ ଓଏସଆଇ ଗିରଫ

ଭୁବନେଶ୍ୱର, ୨୦।୧୨ (ସକାଳ ଖବର): ମୟୁରଭଂଜ ଜିଲ୍ଲା ଅନ୍ତର୍ଗତ କପ୍ତିପଦା ଥାନାର ଥାନାଧିକାରୀ ବ୍ରଜବନ୍ଧୁ ନାୟକ ଓ ଏଏସଆଇ ରବି ନାରାୟଣ ସୁଆର ୨୦ ହଜାର ଟଙ୍କା ଲାଂଚ ନେଇଥିବା ବେଳେ ଭିଜିଲାନ୍ସ ଅଧିକାରୀ ମାନଙ୍କ ହାତରେ ଧରା ପଡିଛନ୍ତି। ସେମାନେ ତପନ କୁମାର ବାରିକ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ବୁଲେଟ ମୋଟର ସାଇକେଲ ଛାଡିବା ଓ ବେଲ ବଣ୍ଡ ପାଇଁ ୨୦ ହଜାର ଟଙ୍କା ଲାଂଚ ମାଗିଥିଲେ । ଏ ସମ୍ପର୍କରେ ତପନ ଭିଜିଲାନ୍ସ ସହ ସମ୍ପର୍କ କରିବା ପରେ ତାଙ୍କୁ ଧରିବାକୁ ଜାଲ ବିଛା ଯାଇଥିଲା । ବୁଧବାର ଦିନ ତପନ ଏଏସଆଇଙ୍କୁ ଅର୍ଥ ଦେବା ପରେ ସେ ଉଚ୍ଚ ଟଙ୍କା ଧରି ଥାନାଧିକାରୀଙ୍କ ଘରକୁ ଯାଇଥିଲେ । ପରବର୍ତୀ ଅବସ୍ଥାରେ ଏଏସଆଇଙ୍କ ଠାରୁ ୮୫୦୦ ଟଙ୍କା ଓ ଥାନାଧିକାରୀଙ୍କ ଘରୁ ୧୧,୫୦୦ ଟଙ୍କା ଭିଜିଲାନ୍ସ ଅଧିକାରୀ ମାନେ ଜବତ କରିଥିଲେ ।

ଶୀତରେ ଥରୁଛି ସମଗ୍ର ଓଡ଼ିଶା...